**ସଂକ୍ଷେପରେ**

## ଅଗ୍ନିବୀର ଯୋଜନା ନେଇ ସଚେତନତା

ଜୟପୁର,୧୪।୩(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ବିକ୍ରମଦେବ ବିଶ୍ୱବିଦ୍ୟାଳୟ ୧୫ ଓଡ଼ିଶା ବ୍ୟାଟାଲିୟନ ଏନ୍‌ସିସି ପକ୍ଷରୁ ଅଗ୍ନିବୀର ଯୋଜନା ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏଥିରେ ଏନ୍‌ସିସି କ୍ୟାଡେଟ ଓ ଯୁବକମାନଙ୍କୁ ଭାରତୀୟ ସେନାରେ ଯୋଗଦେବାକୁ ପ୍ରେରିତ କରାଯାଇଥିଲା। ଅଗ୍ନିବୀର ଯୋଜନା ନେଇ ତଥ୍ୟ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଗୋପାଳପୁର ଆରଓରୁ ସୁବେଦାର ମେଜର ସନ୍ତୋଷ କୁମାର, ହବିଲଦାର ସୁଭାଷ ଘୋଷ, ଏମ୍‌ଟିଏସ୍ ଏସ. କେ.ରାଣା, ଯୁଗଳ କିଶୋର କୁଶ୍ରାହେ, ସୁବେଦାର ଜଗଦୀଶ ପ୍ରସାଦ ଯାଦବ, ହବିଲଦାର ଅମନଦୀପ ସିଂହ, ଓ ହବିଲଦାର ବିକ୍ରମ ସିଂହ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ କ୍ୟାପ୍ଟେନ୍ ଲକ୍ଷ୍ମଣ ପାତ୍ର ପରିଚାଳନା କରିଥିଲେ।

## ପାଳଗଦାରେ ନିଆଁ ଲାଗି ଗୋଖାଦ୍ୟ ନଷ୍ଟ

ନନ୍ଦପୁର,୧୪।୩(ତୁଷାର କାନ୍ତ ମହାନ୍ତି)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ଖୁର୍ଜି ପଞ୍ଚାୟତ ବିଜାପୁର ଗ୍ରାମର ଚାଷୀ କୃଷ୍ଣ ଖରାଙ୍କ ପାଳଗଦାରେ ନିଆଁ ଲାଗି ବର୍ଷକର ଗୋଖାଦ୍ୟ ଶନିବାର ନଷ୍ଟ ହୋଇଛି। ଗ୍ରାମବାସୀଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ନିଆଁ ଅନ୍ୟ ଘରକୁ ବ୍ୟାପି ନ ଥିଲା। ଏଏସ୍‌ଓ ହେମନ୍ତ କୁମାର ସାମଲଙ୍କ ନେତୃତ୍ୱାଧୀନ ନନ୍ଦପୁର ଅଗ୍ନିଶମ ବାହିନୀର କର୍ମକର୍ତ୍ତା ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ପାଳଗଦା ଅଧାରୁ ଅଧିକ ପୋଡ଼ି ପାଉଁଶ ହୋଇଛି। କୃଷ୍ଣ ଗୃହପାଳିତଙ୍କ ପାଇଁ ଥିବା ପାଳ ନଷ୍ଟ ହେବାରୁ ଚିନ୍ତାରେ ରହିଛନ୍ତି। ଲୋକେ ନିଆଁକୁ ନେଇ ସତର୍କତା ଅବଲମ୍ବନ କରିବାକୁ ଅଗ୍ନିଶମ ବାହିନୀ ପକ୍ଷରୁ ପରାମର୍ଶ ଦିଆଯାଇଛି।

## ପୋଖରୀରେ ବୁଡ଼ି ନାବାଳିକା ମୃତ

ମାଲକାନଗିରି,୧୪।୩(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ମୋଟୁ ଥାନା ମାନ୍ୟମକୋଣ୍ଡା ପଞ୍ଚାୟତ ବାଞ୍ଜିଗୁଡ଼ା ଗାଁର ଜଣେ ନାବାଳିକାଙ୍କ ପୋଖରୀରେ ବୁଡ଼ି ଶନିବାର ମୃତ୍ୟୁ ହୋଇଛି। ମୃତା ହେଲେ ବାଞ୍ଜିଗୁଡା ଗାଁର ମୁଡା ଜାଲିଙ୍କ ଝିଅ ଶିବାନୀ (୮)। ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ତଦନ୍ତ ଚାଲିଛି। ସୂଚନାନୁଯାୟୀ, ଶିବାନୀ ଶନିବାର ସ୍କୁଲରୁ ଫେରିବା ପରେ ସାଙ୍ଗମାନଙ୍କ ସହ ଗାଁ ପୋଖରୀକୁ ଗାଧେଇବାକୁ ଯାଇଥିଲେ। ଏହି ସମୟରେ ଅସାବଧାନତାରୁ ପାଣିରେ ବୁଡ଼ି ଯାଇଥିଲେ। ଅନ୍ୟ ୨ ଛାତ୍ରୀ ଚିତ୍କାର କରିବାରୁ ପରିବାର ଲୋକେ ଆସି ଶିବାନୀଙ୍କୁ ଉଦ୍ଧାର କରିଥିଲେ। ସେତେବେଳେ ତାଙ୍କର ମୃତ୍ୟୁ ହୋଇଯାଇଥିବା ଜଣାପଡ଼ିଛି। ଜିଲା ପ୍ରଶାସନ ପକ୍ଷରୁ ପରିବାର ଲୋକଙ୍କୁ ସହାୟତା ଦେବାକୁ ଗ୍ରାମବାସୀ ନିବେଦନ କରିଛନ୍ତି। ଶିବାନୀ କାଦମାଲି ପ୍ରାଥମିକ ବିଦ୍ୟାଳୟରେ ଦ୍ୱିତୀୟ ଶ୍ରେଣୀରେ ପଢୁଥିଲେ।

# ୪୦,୧୧୨ ମାମଲା ଫଇସଲା

**ସେଟେଲମେଣ୍ଟ ବାବଦକୁ ୪୭ଲକ୍ଷ ୮୮ ହଜାର ଟଙ୍କା ଆଦାୟ**

ରାୟଗଡ଼ା,୧୪।୩(ଆଶିଷ ରଞ୍ଜନ ପଣ୍ଡା)



ରାୟଗଡ଼ାରେ ଆୟୋଜିତ ରାଷ୍ଟ୍ରୀୟ ଲୋକ ଅଦାଲତରେ ଏକ ମାମଲାର ବିଚାର କରାଯାଉଛି।

ଜିଲା ଆଇନ ସେବା ପ୍ରାଧିକରଣ ତତ୍ତ୍ୱାବଧାନରେ ରାୟଗଡ଼ା ଜିଲା ସିଭିଲ କୋର୍ଟ ପରିସରରେ ଶନିବାର ଚଳିତ ବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪୦ହଜାର ୧୧୨ ମାମଲାର ଫଇସଲା ହୋଇଛି। ବିଭିନ୍ନ ମାମଲାର ସେଟେଲମେଣ୍ଟ ବାବଦକୁ ମୋଟ ୪୭ଲକ୍ଷ ୮୮ହଜାର ୬୯୭ଟଙ୍କା ଆଦାୟ ହୋଇଛି। ଏହି ଲୋକ ଅଦାଲତରେ ରାୟଗଡ଼ା ଜିଲା କୋର୍ଟ ସମେତ ଗୁଣପୁର, ବିଷମକଟକ, କାଶୀପୁର, ପଦ୍ମପୁର ଓ ମୁନିଗୁଡ଼ା ଅଦାଲତରେ ଦୀର୍ଘ ଦିନ ଧରି ପଡ଼ିରହିଥିବା ୧୭୮ଟି ମାମଲାର ଫଇସଲା ହୋଇଥିଲା। ଯେଉଁଥିରେ ସମୁଦାୟ ୪୫ଲକ୍ଷ ୪୨ହଜାର ୬୮୧ଟଙ୍କା ଆଦାୟ ହୋଇଥିବା ଜଣାପଡ଼ିଛି। ସେହିଭଳି ରାଜସ୍ୱ ସମ୍ବନ୍ଧିତ ୩୯ହଜାର ୯୧୬ଟି ମାମଲାର ସମାଧାନ ପୂର୍ବକ ୨ଲକ୍ଷ ୪୬ହଜାର ୧୬ଟଙ୍କା ଆଦାୟ ହୋଇଛି। ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲା ଦୌରାଜଜ୍ ସତ୍ୟନାରାୟଣ ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଏହି ଲୋକ ଅଦାଲତକୁ ଭାରପ୍ରାପ୍ତ ସଚିବ ସସ୍ମିତା ମିଶ୍ର ପରିଚାଳନା କରିଥିଲେ। ଏଥିରେ ପରିବାର ଅଦାଲତ ବିଚାରପତି ସଞ୍ଜିତ ବେହେରା, ଅତିରିକ୍ତ ଜିଲା ଦୌରା ଜଜ୍ ଅଞ୍ଜନା ସ୍ୱାଇଁ, ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରୀ ଅପର୍ଣ୍ଣା ମହାପାତ୍ର, ବରିଷ୍ଠ ଦେୱାନି ବିଚାରପତି ଆଶିଷ ପଟ୍ଟନାୟକ, ରେଜିଷ୍ଟ୍ରାର ରାଣା ଘୋଷ୍, ଏସଡିଜେଏମ ଜଜ୍ ବର୍ଷା ଦାସ, ଗ୍ରାମ୍ୟ ନ୍ୟାୟାଧିକାରୀ ଜ୍ୟୋତିର୍ମୟୀ ଷଡଙ୍ଗୀ, ଜେଏମଏଫସି ଏସ୍. ଆର. ତୋଷାଲି ପ୍ରମୁଖ ମାମଲା ଫଇସଲା କରିଥିଲେ। ରାୟଗଡ଼ା ବାର ଆସୋସିଏଶନ ସଭାପତି ଦେବୀପ୍ରସାଦ ପଟ୍ଟନାୟକ, ସମ୍ପାଦକ ମଙ୍ଗଳମୂର୍ତ୍ତି ବେଉରିଆ, ଆଇନଜୀବୀ ମଦନମୋହନ ପାଢୀ, ନବ କଣ୍ଡା, ବିଶ୍ୱନାଥ ଗନ୍ତାୟତ, ବାବୁ ରାଜଗୁରୁ, ଦେବରାଜ ନାଏକ, ଭାରତୀ ତ୍ରିପାଠି ପ୍ରମୁଖ ବିଭିନ୍ନ ଅଦାଲତ ପରିସରରେ ଅନୁଷ୍ଠିତ ଲୋକ ଅଦାଲତରେ ଯୋଗଦେଇ ଏହାକୁ ସଫଳ କରାଇଥିଲେ। ଭାରପ୍ରାପ୍ତ ସଚିବ ସସ୍ମିତା ମିଶ୍ର ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

## ଗୁଣପୁରରେ ରାଷ୍ଟ୍ରୀୟ ଲୋକ ଅଦାଲତ

ଗୁଣପୁର,୧୪।୩( ସୁଜାତା ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର କୋର୍ଟ ପରିସରରେ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଛି। ତାଲୁକ ଆଇନ ସେବା ସଂସ୍ଥା ପକ୍ଷରୁ ଆୟୋଜିତ ଏହି ଲୋକ ଅଦାଲତରେ ଏଡିଜେ କୋର୍ଟରେ ୨୧ କ୍ରିମିନାଲ ମାମଲାର ଫଏସଲା ହୋଇଥିଲା। ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଏନ୍‌ଆଇ ଆକ୍ଟର ୨ ଟି ମାମଲାରୁ ଗୋଟିଏର ଆପୋଷ ବୁଝାମଣାରେ ଫଏସଲା କରାଯାଇ ୧ ଲକ୍ଷ ୮୦ ହଜାର ଟଙ୍କା ସେଟଲମେଣ୍ଟ ହୋଇଛି। ଅନ୍ୟ ୮ ଟି କ୍ରିମିନାଲ ମାମଲା ବିଚାର କରି ଫଏସଲା କରାଯାଇଥିଲା। ସେହିପରି ଗୋଟିଏ ବୈବାହିକ ବିବାଦ ମାମଲାର ମଧ୍ୟ ଫଏସଲା କରାଯାଇଛି। ଲୋକ ଅଦାଲତରେ ସମୁଦାୟ ୯୨ ମାମଲାରୁ ୩୧ଟିର ଫଏସଲା ହୋଇଥିବା ଜଣାପଡ଼ିଛି। ଏଡିଜେ ଦେବଦତ୍ତ ପଟ୍ଟନାୟକ ଓ ଏସ୍‌ଡିଜେଏମ୍ ବିଜୟ ଲକ୍ଷ୍ମୀ ମହାପାତ୍ର ମାମଲା ଫଏସଲା କରିଥିଲେ।

# ଟାଇଟଲ ଜିତିଲେ ଶାନ୍ତିପ୍ରିୟା, ଝାନ୍ସୀ ରନର୍ସ ଅପ୍

**ମିସ୍ ରାୟଗଡ଼ା ପ୍ରତିଯୋଗିତା**

ଅମ୍ବାଦଳା ,୧୪।୩ (ରବୀନ୍ଦ୍ର ପଣ୍ଡା)



ରନର୍ସଅପ୍ ହୋଇଥିବା ଅମ୍ବାଦଳାର ଝାନ୍ସୀ କରକରିଆ।

ରାୟଗଡା ସହରରେ ବଂଶୀକ୍ରିଷ୍ଣା ସମ୍ମିଳନୀ ହଲରେ ମିସ୍ ରାୟଗଡ଼ା ପ୍ରତିଯୋଗିତା କରାଯାଇଥିଲା। ଜିଲାର ବିଭିନ୍ନ ଅଞ୍ଚଳରୁ ୩୦ ଜଣ ପ୍ରତିଯୋଗୀ ଏଥିରେ ଭାଗ ନେଇଥିଲେ। ବିଭିନ୍ନ ପର୍ଯ୍ୟାୟରେ ପ୍ରତିଯୋଗୀମାନଙ୍କ ଆତ୍ମବିଶ୍ୱାସ, ପ୍ରତିଭା ଓ ପ୍ରଦର୍ଶନକୁ ବିଚାରକମାନେ ମୂଲ୍ୟାୟନ କରିଥିଲେ। ଶାନ୍ତିପ୍ରିୟା ମିସ ରାୟାଗଡ଼ା ଟାଇଟେଲ ଜିତିଥିବାବେଳେ ଅମ୍ବାଦଳା ଝିଅ ଝାନ୍ସୀ କରକରିଆ ରନର୍ସ ଅପ୍ ହୋଇଛନ୍ତି। ଶାନ୍ତିପ୍ରିୟା ବିଶାଖାପାଟଣାର ହୋଇଥିବାବେଳେ ଝାନ୍ସି ମୁନିଗୁଡା ବ୍ଲକ ଅମ୍ବାଦଳା ବଡ଼ସାହି ଅନଙ୍ଗ କରକରିଆ ଓ ମିସିମାଙ୍କ ମଝିଆ ଝିଅ। ଝାନ୍ସୀ ମିସ ରାୟାଗଡା ପ୍ରତିଯୋଗିତାରେ ରନର୍ସ ହୋଇଥିବାରୁ ସ୍ଥାନୀୟ ବାସିନ୍ଦା ଦକ୍ଷ ବାତ୍ରା, ରଞ୍ଜନ ସ୍ୱାଇଁ, ଆନନ୍ଦ ଟାକ୍ରୀ,ଅନନ୍ତ ଦୁର୍ଗା,ରାମ ପ୍ରକାଶ କରକରିଆ ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। କାର୍ଯ୍ୟକ୍ରମ ଦେଖିବାକୁ ବହୁ ଦର୍ଶକ ଉପସ୍ଥିତ ଥିଲେ। ଏଭଳି ପ୍ରତିଯୋଗିତା ଯୁବତୀମାନଙ୍କୁ ନିଜ ପ୍ରତିଭା ଦେଖାଇବା ପାଇଁ ଏକ ଭଲ ମଞ୍ଚ ବୋଲି ଆୟୋଜକ ମାନେ କହିଛନ୍ତି।

## ମାନବାଧିକାର କର୍ମୀଙ୍କ ମେଲ୍‌ର ଉତ୍ତର ରଖିଲା ଏନ୍‌ସିଆର୍‌ଟି

**ଏନ୍‌ସିଆର୍‌ଟି ବହିର ତ୍ରୁଟି ମାମଲା**

ରାୟଗଡ଼ା,୧୪।୩(ଆଶିଷ ରଞ୍ଜନ ପଣ୍ଡା)

ସିବିଏସଇ ଦ୍ୱାରା ପରିଚାଳିତ ବିଦ୍ୟାଳୟରେ ଏନ୍‌ସିଆରଟି ପକ୍ଷରୁ ସପ୍ତମ ଶ୍ରେଣୀ ପିଲାଙ୍କୁ ଦିଆଯାଇଥିବା ସୋସିଆଲ ସାଇନ୍ସ ବହିରେ ନିୟମଗିରି ପାହାଡ଼ ଓଡ଼ିଶା ବଦଳରେ ଝାଡ଼ଖଣ୍ଡ ଲେଖାଯାଇଥିଲା। ଏ ନେଇ 'ଧରିତ୍ରୀ'ରେ ଫେବୃଆରୀ ୨୨ରେ ଏନ୍‌ସିଆର୍‌ଟି ପୁସ୍ତକରେ ତ୍ରୁଟି ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଏହାପରେ ଜୟପୁରର ମାନବଧିକାର କର୍ମୀ ତଥା ଆଇନଜୀବୀ ଅନୁପ କୁମାର ପାତ୍ର ଏନ୍‌ସିଆର୍‌ଟିକୁ ପତ୍ର ଲେଖିଥିଲେ। ଏନେଇ ଏନ୍‌ସିଆର୍‌ଟି ପକ୍ଷରୁ ଅନୁପଙ୍କୁ ଚିଠି କରାଯାଇଛି। ଉକ୍ତ ଚିଠିରେ ନୂତନ ପୁସ୍ତକରେ ଏହି ତ୍ରୁଟିକୁ ସଂଶୋଧନ କରାଯିବା ନେଇ ପରିଷଦରେ ନିଷ୍ପତ୍ତି ହୋଇଥିବା ଅବଗତ କରାଯାଇଛି। ପ୍ରକାଶ ଥାଉକି, 'ଏକ୍ସପ୍ଲୋରିଙ୍ଗ ସୋସାଇଟି: ଇଣ୍ଡିଆ ଆଣ୍ଡ ବିୟଣ୍ଡ ବହିର ଅଷ୍ଟମ ଅଧ୍ୟାୟ ହାଓ ଲ୍ୟାଣ୍ଡ ବିକମ୍‌ସ ସାକ୍ରେଡ ଶୀର୍ଷକ ବିଷୟରେ ଦିଆଯାଇଥିବା କିଛି ଉଦାହରଣରେ ଝାଡ଼ଖଣ୍ଡ ରାଜ୍ୟରେ ଅବସ୍ଥିତ ନିୟମଗିରି ପାହାଡ଼, ସେଠାରେ ରହୁଥିବା ଡଙ୍ଗରିଆ କନ୍ଧ ସମ୍ପ୍ରଦାୟ କିଭଳି ପବିତ୍ର ବୋଲି ଉଲ୍ଲେଖ କରାଯାଇଛି। ଏନେଇ ଧରିତ୍ରୀରେ ଖବର ପ୍ରକାଶ ପରେ ଏନ୍‌ସିଆର୍‌ଟି ପକ୍ଷରୁ ସଂଶୋଧନ କରାଯିବା ନେଇ ପ୍ରତିଶ୍ରୁତି ମଧ୍ୟ ମିଳିଥିଲା।

# ଭୟଭୀତ ନ ହୋଇ ସୁରକ୍ଷିତ ପଦକ୍ଷେପ ନେବାକୁ ପରାମର୍ଶ



ଛାତ୍ରୀଛାତ୍ରଙ୍କୁ ନିଆଁଲିଭା କୌଶଳ ଶିଖାଯାଉଛି।

ଗୁଣପୁର, ୧୪।୩ (ସଂକେତ ପାତ୍ର)

ଗୁଣୁପୁରସ୍ଥିତ ବଂଶଧାରା କଲେଜ ପରିସରରେ ଶନିବାର ଅଗ୍ନିସୁରକ୍ଷା ଓ ବିପଦ ବ୍ୟବସ୍ଥାପନା ପକ୍ଷରୁ ଅଗ୍ନିନିର୍ବାପଣ ଓ ବିପଦ ସମୟରେ ସଚେତନତା ସୃଷ୍ଟି ପାଇଁ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରାଯାଇଛି। ଅଗ୍ନିକାଣ୍ଡ ସମୟରେ ସତର୍କ ରହିବା, ଅଗ୍ନିନିର୍ବାପକ ଯନ୍ତ୍ରର ଠିକ୍ ବ୍ୟବହାର, ଆପଦାକାଳୀନ ସମୟରେ ଶୀଘ୍ର ସୁରକ୍ଷିତ ସ୍ଥାନକୁ ଯିବା ଓ ବିଭିନ୍ନ ପ୍ରକାର ବିପଦ ସମୟରେ କିପରି ଆତ୍ମରକ୍ଷା କରିବା ସେ ନେଇ କର୍ମଚାରୀ ଓ ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ଏଥିସହ ଅଗ୍ନିନିର୍ବାପକ ଯନ୍ତ୍ର ବ୍ୟବହାର ଶିଖାଯାଇଥିଲା। ଅଗ୍ନିକାଣ୍ଡ, ଅନ୍ୟ ବିପଦ ସମୟରେ ଭୟଭୀତ ନ ହୋଇ ସଚେତନ ଓ ସୁରକ୍ଷିତ ପଦକ୍ଷେପ ନେବାକୁ ସମସ୍ତଙ୍କୁ ପରାମର୍ଶ ଦିଆଯାଇଥିଲା। ପ୍ରଶିକ୍ଷଣରେ ଶିଖାଯାଇଥିବା କୌଶଳ ଲାଭ ଉଠାଇବାକୁ କଲେଜ ପ୍ରିନ୍ସିପାଲ କହିଥିଲେ। ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ କଲେଜର ଶିକ୍ଷକ, କର୍ମଚାରୀ ଓ ବହୁ ସଂଖ୍ୟକ ଛାତ୍ରୀଛାତ୍ର ଯୋଗଦେଇଥିଲେ।

## ୨୮ରେ କୋରାପୁଟ ଓକିଲ ସଂଘ ନିର୍ବାଚନ

କୋରାପୁଟ,୧୪।୩(ଅମିତାଭ ବେହେରା)

ମାର୍ଚ୍ଚ ୨୮ରେ କୋରାପୁଟ ବାର ଆସୋସିଏଶନ୍ ନିର୍ବାଚନ ହେବାକୁ ଥିବା ବେଳେ ଏଥିପାଇଁ ୧୫ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଯାଞ୍ଚ ପ୍ରକ୍ରିୟାରେ ସମସ୍ତ ପ୍ରାର୍ଥୀଙ୍କ ନାମାଙ୍କନ କାଏମ ରହିଛି। ନାମାଙ୍କନ ପ୍ରତ୍ୟାହାରର ଶେଷ ଦିନ ସୁଦ୍ଧା କୌଣସି ପ୍ରାର୍ଥୀ ନାମାଙ୍କନ ପ୍ରତ୍ୟାହାର କରି ନ ଥିବା କୋରାପୁଟ ଓକିଲ ସଂଘ ନିର୍ବାଚନ ଅଧିକାରୀ ମନୋରଞ୍ଜନ ରାଉତରାୟ ସୂଚନା ଦେଇଛନ୍ତି। ସଭାପତି ପଦ ପାଇଁ ପ୍ରଭାତ କୁମାର ମହାପାତ୍ର ଓ ଉତ୍ତମ ମିଶ୍ର, ଉପସଭାପତି ପଦ ପାଇଁ କୃଷ୍ଣଚନ୍ଦ୍ର ସାଁ ଓ ନିତ୍ୟାନନ୍ଦ ମହାନ୍ତି, ସମ୍ପାଦକ ଓ କୋଷାଧ୍ୟକ୍ଷ ପାଇଁ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ସୁନୀଲ କୁମାର ଜେନା ଓ କମାକ୍ଷା ପ୍ରସାଦ ମାଝୀ ପ୍ରମୁଖ ନାମାଙ୍କନ ପତ୍ର ଦାଖଲ କରିଥିଲେ। ୮ କାର୍ଯ୍ୟକାରୀ ସଦସ୍ୟ ପଦବୀ ପାଇଁ ୯ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିଲେ। ସଂଘ ସଭାପତି ଓ ଉପସଭାପତି ପଦବୀ ପାଇଁ ଦ୍ୱିମୁଖୀ ପ୍ରତିଦ୍ୱନ୍ଦ୍ୱିତା ନିଶ୍ଚିତ ହୋଇଛି।

## ସାମାନ୍ୟ ବଚସାରୁ ଆକ୍ରମଣ, ୨ ଗିରଫ

ବେଲଗୁଣ୍ଠା,୧୪।୩(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ଥାନା ସରନୁଆପଲ୍ଲୀ ଗ୍ରାମରେ ସାମାନ୍ୟ କଥା କଟାକଟିକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛଇ। ଅଭିଯୋଗ ପରେ ପୋଲିସ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସରନୁଆପଲ୍ଲିର ମାନସ ରଞ୍ଜନ ଗୌଡ଼ (୧୯) ଓ ଦୀପକ ଗୌଡ଼। ଗତ ୧୧ ତାରିଖରେ ସରନୁଆପଲ୍ଲୀ ଗ୍ରାମର ରାଜା ନାୟକଙ୍କ ସହ କୌଣସି ଏକ କଥାକୁ ନେଇ ସେହି ଗ୍ରାମର ମାନସ ଓ ଦୀପକଙ୍କ ସହ ଯୁକ୍ତିତର୍କ ହୋଇଥିଲା। ଅଭିଯୁକ୍ତମାନେ ରାଜାଙ୍କୁ ସଂଘବଦ୍ଧଭାବେ ଆକ୍ରମଣ କରିଥିଲେ।

## ଯୁବକ ସାଇବର ଠକାମିର ଶିକାର

ଉମରକୋଟ, ୧୪।୩(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ଅଧୀନ ବଡଭରଣ୍ଡି ପଞ୍ଚାୟତ, ମହୁଲି ଗ୍ରାମର ସମୀର ମଣ୍ଡଳ ସାଇବାର ଠକାମୀର ଶିକାର ହୋଇଛନ୍ତି। ଏନେଇ ସମୀର ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଗତ ୫ ତାରିଖରେ ହଠାତ୍ ସମୀରଙ୍କ ମୋବାଇଲ ନେଟୱର୍କ କାମ କରି ନ ଥିଲା। ସେ ତୁରନ୍ତ ଗୋଟିଏ ଦୋକାନକୁ ଯାଇ ସେଠାରେ ମୋବାଇଲ ଦେଖାଇ ନୂଆ ସିମ ଆଣିଥିଲେ। ୭ ତାରିଖରେ ୮୮୨୭୩୧୪୧୩୫ରୁ କଲ ଆସିଥିଲା। ଯାଞ୍ଚ ପାଇଁ ମୋବାଇଲକୁ ଡିଆକ୍ଟିଭେଟ କରାଯାଇଥିବା କଲ୍ କରିଥିବା ଲୋକ ଜଣଙ୍କ କହିଥିଲେ। ୨୪ ଘଣ୍ଟା ପରେ ମଧ୍ୟ ମୋବାଇଲକୁ ନେଟୱର୍କ ଆସୁନ ଥିବାରୁ ସମୀର ପୁଣି ଆଉ ଗୋଟେ ନୂଆ ସିମ କିଣିଥିଲେ। ଗତ ୧୩ ତାରିଖ ସକାଳେ ତାଙ୍କ ଆକାଉଣ୍ଟରୁ ୫୬ ହଜାର ଟଙ୍କା କଟିଯାଇଥିବା ସେ ଜାଣିବାକୁ ପାଇଥିଲେ। ସେହି ଦିନ ସମୀର ସାଇବର୍ ହେଲ୍ପ ଲାଇନ୍ ନମ୍ବରରେ ଅଭିଯୋଗ କରିଥିଲେ। ଶନିବାର ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଷ୍ଟେସନ ଡାଏରୀ କରିଛି।

## ଗୁଡାରିରେ ଜମି କିଣାବିକା ପଞ୍ଜୀକରଣ ଶୁଭାରମ୍ଭ



ତହସିଲଦାର ତଥା ସବ ରେଜିଷ୍ଟ୍ରାରଙ୍କ ଉପସ୍ଥିତିରେ ପଞ୍ଜୀକରଣ କାର୍ଯ୍ୟ କରାଯାଉଛି।

ଗୁଡାରି, ୧୪।୩(ପ୍ରମୋଦ କୁମାର ପତି)

ଗୁଡାରି ତହସିଲ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଜମି କିଣା ବିକା ନିମନ୍ତେ ପଞ୍ଜିକରଣ ଆରମ୍ଭ ହୋଇଛି। ତହସିଲଦାର ତଥା ସବ ରେଜିଷ୍ଟ୍ରର ଏ. ସ୍ନେହଲତାଙ୍କ ଉପସ୍ଥିତିରେ ଶୁଭାରମ୍ଭ ଦିନ ୨ଟି ପଞ୍ଜୀକରଣ କରାଯାଇଥିଲା। କାର୍ଯ୍ୟାଳୟର କର୍ମଚାରୀ ସୁନୀଲ ପାଣିଗ୍ରାହୀ, ଡାଟା ଏଣ୍ଟ୍ରି ଅପରେଟର ଡାନିଏଲ ଟାକରିଙ୍କ ଉପସ୍ଥିତିରେ ଏହି କାର୍ଯ୍ୟ ହୋଇଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ ଆଇନଜୀବୀ ସୁଦାମ ଶବର ଏବଂ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ପୂର୍ବରୁ ଅଞ୍ଚଳବାସୀ ପଞ୍ଜିକରଣ ପାଇଁ ୪୫ କିଲୋମିଟର ଦୂର ଗୁଣୁପୁର ଯାଉଥିଲେ। ଏହାଦ୍ୱାରା ଅଯଥା ଖର୍ଚ୍ଚ ସାଙ୍ଗକୁ ସମୟ ଅଧିକ ଲାଗୁଥିଲା।

# ପାହାଡ଼ ଖସିବା ଆଶଙ୍କାରେ ଗ୍ରାମବାସୀ

ଗୁଣପୁର, ୧୪।୩ (ସଂକେତ ପାତ୍ର)

**ପାହାଡ଼ ଠିକ୍‌ଭାବେ କଟା ନ ଯାଇ ତିଆରି ଚାଲିଛି ବହୁମୁଖୀ କେନ୍ଦ୍ର**

- କାମ ପାଖରେ ଲଗାଯାଇନି ସୂଚନା ଫଳକ

ରାୟଗଡ଼ା ଜିଲା ଗୁଣପୁର ନିକଟସ୍ଥ କୁଲୁସିଙ୍ଗ ପଞ୍ଚାୟତର ସିଣ୍ଡୀରିଙ୍ଗ ଗ୍ରାମରେ ନୂତନଭାବେ ଏକ ବହୁମୁଖୀ କେନ୍ଦ୍ର ନିର୍ମାଣ କରାଯାଇଛି। କିନ୍ତୁ ଏହି କେନ୍ଦ୍ର ସମ୍ମୁଖରେ ଥିବା ବିଦ୍ୟୁତ ଖମ୍ବ ଓ ଚାରିପାଖରେ ପଡ଼ିଥିବା ପଥର ଓ ମାଟି ସଫା କରାଯାଇନଥିବାରୁ ଯାତାୟାତରେ ବାଧା ସୃଷ୍ଟି ହେଉଥିବା ଗ୍ରାମବାସୀ କହିଛନ୍ତି। ଏହାସହ ବହୁମୁଖୀ କେନ୍ଦ୍ରଟି ପାହାଡ଼ର କିଛି ଅଂଶ କାଟି ତାହାର ନିକଟରେ ନିର୍ମାଣ କରାଯାଉଛି। କିନ୍ତୁ ପାହାଡ଼କୁ ଠିକ ଭାବରେ କାଟାଯାଇନଥିବାରୁ ଅନେକ ବଡ଼ ବଡ଼ ପଥର ଅବ୍ୟବସ୍ଥିତ ଭାବେ ରହିଯାଇଛି। ଆଗାମୀ ବର୍ଷା ଋତୁରେ ସେଗୁଡ଼ିକ ଖସିପଡ଼ିବାର ଆଶଙ୍କା ଥିବା ସ୍ଥାନୀୟ ଲୋକେ କହିଛନ୍ତି। ଏହି କାମର ଠିକା ନେଇଥିବା ବ୍ୟକ୍ତି, ସରକାରୀ କର୍ମଚାରୀ ଓ ପ୍ରଶାସନ ଅଭିଯୋଗକୁ ଗୁରୁତ୍ୱ ଦେଇ ପଥର ଓ ମାଟି ସଫା କରିବା ସହ ପାହାଡ଼କୁ ସୁରକ୍ଷିତ ଭାବେ କାଟିବା ବ୍ୟବସ୍ଥା କରାଇଲେ ସାମ୍ଭାବ୍ୟ ଦୁର୍ଘଟଣାକୁ ରୋକାଯାଇପାରିବ ବୋଲି ଅଞ୍ଚଳବାସୀ କହିଛନ୍ତି। ଯେଉଁ କାମକୁ ନେଇ ଆଲୋଚନା ହେଉଛି ତାହାର ତଦନ୍ତ ହେବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ କହିଛନ୍ତି। ଏହା ସହ କାମଟି ବିନା ନାମଫଳକରେ କରାଯାଉଛି। ଯାହାକୁ ନେଇ ଲୋକଙ୍କ ମନରେ ଅନେକ ସନ୍ଦେହ ସୃଷ୍ଟି ହେଉଛି। ବିନା ନାମଫଳକରେ କାମ ହୋଇଥିବା ହେତୁ କାର୍ଯ୍ୟର ସମୟସୀମା, ଖର୍ଚ୍ଚ ହୋଇଥିବା ଟଙ୍କା ସହ କେଉଁ ସଂସ୍ଥା ଦ୍ୱାରା ଏହି କାର୍ଯ୍ୟ ଚାଲିଛି ତାହା କେହି ଜାଣିପାରୁନଥିବା ଲୋକେ ଅଭିଯୋଗ କରିଛନ୍ତି। ସରକାରୀ ନିୟମାନୁଯାୟୀ, ଅତିଶୀଘ୍ର ନାମଫଳକ ଲଗାଇବା ଆବଶ୍ୟକ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଏନେଇ ପିଏ ଆଇଟିଡିଏ ଅଜୟ ପ୍ରଧାନଙ୍କୁ ପଚାରିବାରୁ ଦେହ ଖରାପ ଥିବାରୁ ସେ ଏହି ବିଷୟରେ କୌଣସି ତଥ୍ୟ ଦେଇପାରିବେ ନାହିଁ ବୋଲି କହିଛନ୍ତି।



ତିଆରି ଚାଲିଥିବା ବହୁମୁଖୀ କେନ୍ଦ୍ର।

# ଦୁର୍ଘଟଣାରେ କଟିଗଲା ଗୋଡ଼, ତଥାପି ସ୍ୱପ୍ନର ଦୌଡ଼ରେ ସନ୍ତୋଷ

ଗୁଣପୁର, ୧୪।୩ (ସଂକେତ ପାତ୍ର)

- ଶିକ୍ଷକ ହେବା ଲକ୍ଷ୍ୟରେ ଆନ୍ଧ୍ରରେ କରୁଛନ୍ତି ବିଏଡ୍
- ସରକାରୀ ନାମଫଳକ ଲେଖି, ଦିନ ମଜୁରି କରି ଉଠାଉଛନ୍ତି ଖର୍ଚ୍ଚ
- ଇ-ସ୍କୁଟି ଯୋଗାଇ ଦେବାକୁ ନିବେଦନ



ସନ୍ତୋଷ ଶବର।

ରାୟଗଡ଼ା ଜିଲା ଗୁଣୁପୁର ବ୍ଲକ୍ ଶଗଡା ପଞ୍ଚାୟତ ଦୁର୍ଗମ ଅଞ୍ଚଳ ଅଞ୍ଜରସିଂ ଗ୍ରାମର ସନ୍ତୋଷ ଶବର। ସେ ଲାଞ୍ଜିଆ ସୌରା ଜନଜାତିର ଜଣେ ଉଚ୍ଚ ଶିକ୍ଷିତ ଯୁବକ। ଜୀବନରେ କିଛି ବଡ଼ିବାର ସେ ଅନେକ ସ୍ୱପ୍ନ ଦେଖିଥିଲେ। କିନ୍ତୁ ଏକ ଟ୍ରେନ୍ ଦୁର୍ଘଟଣା ସେ ଗୋଡ଼ ହରାଇଥିଲେ। ସେ କିନ୍ତୁ ନ ଅଟକି ଆଗକୁ ବଢ଼ି ଚାଲିଛନ୍ତି। ବିଭିନ୍ନ ସରକାରୀ ଯୋଜନାର ପ୍ରଚାର ଲେଖା, ଆବାସ ଯୋଜନା ଘର ନାମଫଳକ ଲେଖିବା ଆଦି କାମ ହାତରେ ତୁଳି ଓ ରଙ୍ଗ ଧରି କରୁଛନ୍ତି। ଏଥିସହ କେବେ କେବେ ଦିନମଜୁରି କାମ କରି ନିଜ ପାଠପଢା ଓ ଜୀବନ ଚାଲାଉଛନ୍ତି। ଉକ୍ତ ସ୍ୱପ୍ନର ଦୌଡ଼ରେ କିଛି ସମୟ ବିରାମ ଲାଗିଥିଲା ସତ। କିନ୍ତୁ ଏବେ ସେ ପୁଣି ନିଜ ସ୍ୱପ୍ନ ଜିତିବାକୁ ଖୁସିରେ ସଂଘର୍ଷ କରୁଥିବା ସନ୍ତୋଷ କହିଛନ୍ତି। ସରକାରଙ୍କ ପକ୍ଷରୁ ଇ-ରିକ୍ସାଟିଏ ପ୍ରଦାନ କରିବାକୁ ଦାବି କରିଛନ୍ତି।

ଶିକ୍ଷକ ହେବା ସନ୍ତୋଷଙ୍କ ଦୀର୍ଘଦିନର ସ୍ୱପ୍ନ। ପାଠରୁ ବଞ୍ଚିତ ହେଉଥିବା ଦୁର୍ଗମ ଅଞ୍ଚଳର ପିଲାମାନଙ୍କୁ ଶିକ୍ଷାର ଆଲୋକ ଦେବାକୁ ସେ ଇଚ୍ଛା କରୁଥିଲେ। ସନ୍ତୋଷ ବିଏସ୍‌ସି ପରେ ବର୍ତ୍ତମାନ ଆନ୍ଧ୍ରପ୍ରଦେଶରେ ବିଏଡ୍ କରୁଛନ୍ତି। ସେ ପୂର୍ବରୁ ଗୁଣୁପୁରରେ ରହି ଗଜପତି ଜିଲା କାଶିନଗର ଶ୍ରୀରାମ କଲେଜରେ ଯୁକ୍ତ ତିନି ବିଜ୍ଞାନରେ ପଢୁଥିଲେ। ୨୦୧୮ ସେପ୍ଟେମ୍ବର ୧ରେ କଲେଜରୁ ଗୁଣପୁର ଫେରୁଥିବାବେଳେ କାଶୀଗର ନିକଟରେ ଟ୍ରେନ୍‌ରୁ ଖସିପଡ଼ିଥିଲେ। ଦୁର୍ଘଟଣାରେ ତାଙ୍କ ଗୋଡ଼ ୨ଟି କଟିଯାଇଥିଲା। ବର୍ତ୍ତମାନ ସେ ସରକାରୀ ଯୋଜନାରେ ଦିବ୍ୟାଙ୍ଗ ଭତା ସହ ଟ୍ରାଇସାଇକେଲ ମଧ୍ୟ ପାଇଛନ୍ତି। କିନ୍ତୁ ଗ୍ରାମଟି ପାହାଡିଆ ଓ ଦୁର୍ଗମ ଅଞ୍ଚଳ ହେବାରୁ ଟ୍ରାଇସାଇକେଲରେ ଯାତାୟାତ କରିବା ବହୁତ କଷ୍ଟକର ହେଉଛି। କିନ୍ତୁ ଦୁର୍ଘଟଣା ପରେ ପ୍ରତ୍ୟେକ କାମ ପାଇଁ ତାଙ୍କୁ ଅନ୍ୟମାନଙ୍କ ଉପରେ ନିର୍ଭର କରିବାକୁ ପଡୁଥିବା ସନ୍ତୋଷ କହିଛନ୍ତି। ସରକାରୀ ଯୋଜନାରେ ଗୋଟିଏ ଇ-ସ୍କୁଟି ମିଳିଲେ ଯାତାୟାତ ସହଜ ହେବା ସହ ପାଠପଢା ଓ ଜୀବିକାରେ ମଧ୍ୟ ସହାୟତା ମିଳିବ ବୋଲି ସେ କହିଛନ୍ତି। ଗୁଣୁପୁରର କଂଗ୍ରେସ ବିଧାୟକ ସତ୍ୟଜିତ ଗମାଙ୍ଗ ସନ୍ତୋଷଙ୍କୁ ପଚାରିବାରୁ ଇ-ସ୍କୁଟି ପ୍ରଦାନ ବିଷୟରେ ପ୍ରଶାସନ ସହ ଆଲୋଚନା କରିବେ ବୋଲି କହିଛନ୍ତି। ସେହିପରି ଗୁଣୁପୁର ବିଡିଓ ସ୍ୱସ୍ତିକ ଜମାଦାର ମଧ୍ୟ ଏହାପ୍ରତି ଦୃଷ୍ଟି ଦେବାକୁ କହିଛନ୍ତି।

# ଗ୍ୟାସ୍ ବିତରଣ କେନ୍ଦ୍ର ଆଗରେ ଲୋକଙ୍କ ଲମ୍ବା ଲାଇନ

## ଅଭାବ ଦର୍ଶାଇ ଗ୍ରାହକଙ୍କୁ ହଇରାଣ କରୁଥିବା ଅଭିଯୋଗ

ସୁନାବେଡା/ସେମିଳିଗୁଡ଼ା, ୧୪।୩ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

କୋରାପୁଟ ଜିଲା ସେମିଳିଗୁଡ଼ା କାକିଗାଁସ୍ଥିତ ଗ୍ୟାସ ଏଜେନ୍ସିରେ ଶନିବାର ଲୋକଙ୍କ ଭିଡ଼ ଦେଖିବାକୁ ମିଳିଛି। ଜିଲାରେ ଆବଶ୍ୟକ ପରିମାଣର ରନ୍ଧନ ଗ୍ୟାସ, ପେଟ୍ରୋଲ ଓ ଡିଜେଲ ମହଜୁଦ୍ ଥିବା ଜିଲାପାଳ ମନୋଜ ସତ୍ୟବାନ ମହାଜନ ଶୁକ୍ରବାର ଖବରଦାତା ସମ୍ମିଳନୀ କରି କହିଥିଲେ। କିନ୍ତୁ ଏକାଧିକ ତେଲ ଟାଙ୍କି ଓ ଗ୍ୟାସ୍ ବିତରକ ଅଭାବ ଦର୍ଶାଇ ଗ୍ରାହକଙ୍କୁ ହଇରାଣ କରୁଥିବା ଅଭିଯୋଗ ହୋଇଛି। ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁ କିଛି ଦିନ ହେବ ରନ୍ଧନ ଗ୍ୟାସ୍ ସଙ୍କଟ ଦେଖିବାକୁ ମିଳିଛି। ଗ୍ରାହକମାନେ ୨ରୁ ୩ ଦିନ ଯାଏ ଲାଇନରେ ଠିଆ ହୋଇ ସୁଦ୍ଧା ଗ୍ୟାସ ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ କରିଛନ୍ତି। ଏ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସେମାନଙ୍କ ଅଭିଯୋଗ ମୁତାବକ ସମ୍ପୃକ୍ତ ଏଜେନ୍ସି ଡିପୋରେ ଗ୍ୟାସ ସିଲିଣ୍ଡର


ଗ୍ୟାସ୍ ବିତରଣ କେନ୍ଦ୍ର ଆଗରେ ଲୋକେ ସିଲିଣ୍ଡର ନେବାକୁ ଅପେକ୍ଷା କରିଛନ୍ତି।

ନ ଥିବା କହି ରାତିରେ କଳାବଜାରିଙ୍କୁ ଦେଉଛନ୍ତି। ଏଥିଯୋଗୁ ସାଧାରଣ ଉପଭୋକ୍ତା ହଇରାଣ ହେଉଛନ୍ତି। ଏଜେନ୍ସି କର୍ମଚାରୀମାନେ ଜାଣିଶୁଣି ଲୋକଙ୍କୁ ଭୁଆଁ ବୁଲାଉଥିବା କହିଛନ୍ତି। ଗ୍ୟାସ୍ ଭର୍ତ୍ତି ଗାଡ଼ି ଡିପୋରେ ଲାଗିବାର ଘଣ୍ଟାଏ ଭିତରେ ଏହା ସରିଯାଉଥିବା କେତେଜଣ ଉପଭୋକ୍ତା ଅଭିଯୋଗ କରିଛନ୍ତି। ପ୍ରଶାସନ, ଡିଲର୍ ଓ ଦଲାଲଙ୍କ ମଧୁଚନ୍ଦ୍ରିକାର ପରିଣାମ ଖାଉଟିଙ୍କୁ ଭୋଗିବାକୁ ପଡୁଥିବା ସେମାନେ କହିଛନ୍ତି। ଗ୍ୟାସ୍ ସିଲିଣ୍ଡର ବୁକିଂ ହେଉନାହିଁ, ଯଦି ହେଉଛି ତାହେଲେ ଓଟିପି ଆସୁନାହିଁ। ଜିଲା ପ୍ରଶାସନ ଓ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଉପଭୋକ୍ତା ଦାବି କରିଛନ୍ତି। ଏ ସମ୍ପର୍କରେ ସେମିଳିଗୁଡ଼ା ଏଚ୍‌ପି ଗ୍ୟାସ ଏଜେନ୍ସି ମାଲିକ ସିଲୁ ସାହୁଙ୍କୁ ପଚାରିବାର ଗ୍ୟାସ୍ କଳାବଜାର ଅଭିଯୋଗକୁ ଖଣ୍ଡନ କରିଥିଲେ। ଏଥିସହ ଓଟିପି ଓ କଞ୍ଜ୍ୟୁମର ନମ୍ବର ପାଇଥିବା ଉପଭୋକ୍ତାମାନଙ୍କୁ ଗ୍ୟାସ ଦିଆଯାଉଛି। ଦୈନିକ ସମସ୍ତ ରେକର୍ଡ ଜିଲାପାଳଙ୍କ ନିକଟକୁ ପଠାଯାଉଥିବା। ଏଥିରେ କୌଣସି ବ୍ୟତିକ୍ରମ ହେବା ସମ୍ଭାବନା ନ ଥିବା ସେ କହିଛନ୍ତି। ଏ ନେଇ ଯୋଗାଣ ଅଧିକାରୀ ଅଶୋକ କୁମାର ସାହୁଙ୍କୁ ପଚାରିବାରୁ କଳାବଜାର ହେଉ ନ ଥିବା କହିଛନ୍ତି। ବିଭାଗ ପକ୍ଷରୁ ଟିମ୍ ଗଠନ କରାଯାଇ ନଜର ରଖାଯାଇଛି। ଗ୍ୟାସ୍ ଗାଡ଼ି ପହଞ୍ଚିବାରେ ବିଳମ୍ବ ହେଉଥିବାରୁ ଉପଭୋକ୍ତା ଗ୍ୟାସ ପାଇବାରେ ସାମାନ୍ୟ ଅସୁବିଧା ହେଉଛି। ସମସ୍ତେ ଗ୍ୟାସ୍ ପାଇବେ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଅଗ୍ନିବୀର ଯୋଜନା ନେଇ ସଚେତନତା

ଜୟପୁର, ୧୪।୩(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ବିକ୍ରମଦେବ ବିଶ୍ୱବିଦ୍ୟାଳୟ ୧୫ ଓଡ଼ିଶା ବ୍ୟାଟାଲିୟନ ଏନ୍‌ସିସି ପକ୍ଷରୁ ଅଗ୍ନିବୀର ଯୋଜନା ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏଥିରେ ଏନ୍‌ସିସି କ୍ୟାଡେଟ ଓ ଯୁବକମାନଙ୍କୁ ଭାରତୀୟ ସେନାରେ ଯୋଗଦେବାକୁ ପ୍ରେରିତ କରାଯାଇଥିଲା। ଅଗ୍ନିବୀର ଯୋଜନା ନେଇ ତଥ୍ୟ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଗୋପାଳପୁର ଆରଓରୁ ସୁବେଦାର ମେଜର ସନ୍ତୋଷ କୁମାର, ହବିଲଦାର ସୁଭାଷ ଘୋଷ, ଏମ୍‌ଟିଏସ୍ ଏସ. କେ.ରାଣା, ଯୁଗଳ କିଶୋର କୁଶ୍ୱାହେ, ସୁବେଦାର ଜଗଦୀଶ ପ୍ରସାଦ ଯାଦବ, ହବିଲଦାର ଅମନଦୀପ ସିଂହ, ଓ ହବିଲଦାର ବିକ୍ରମ ସିଂହ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ କ୍ୟାପ୍ଟେନ୍ ଲକ୍ଷ୍ମଣ ପାତ୍ର ପରିଚାଳନା କରିଥିଲେ।

### ପାଳଗଦାରେ ନିଆଁ ଲାଗି ଗୋଖାଦ୍ୟ ନଷ୍ଟ

ନନ୍ଦପୁର, ୧୪।୩(ତୁଷାର କାନ୍ତ ମହାନ୍ତି)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ଖୁର୍ଜି ପଞ୍ଚାୟତ ବିଜାପୁର ଗ୍ରାମର ଚାଷୀ କୃଷ୍ଣ ଖରାଙ୍କ ପାଳଗଦାରେ ନିଆଁ ଲାଗି ବର୍ଷକର ଗୋଖାଦ୍ୟ ଶନିବାର ନଷ୍ଟ ହୋଇଛି। ଗ୍ରାମବାସୀଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ନିଆଁ ଅନ୍ୟ ଘରକୁ ବ୍ୟାପି ନ ଥିଲା। ଏଏସ୍‌ଓ ହେମନ୍ତ କୁମାର ସାମଲଙ୍କ ନେତୃତ୍ୱାଧୀନ ନନ୍ଦପୁର ଅଗ୍ନିଶମ ବାହିନୀର କର୍ମକର୍ତ୍ତା ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ପାଳଗଦା ଅଧାରୁ ଅଧିକ ପୋଡ଼ି ପାଉଁଶ ହୋଇଛି। କୃଷ୍ଣ ଗୃହପାଳିତଙ୍କ ପାଇଁ ଥିବା ପାଳ ନଷ୍ଟ ହେବାରୁ ଚିନ୍ତାରେ ରହିଛନ୍ତି। ଲୋକେ ନିଆଁକୁ ନେଇ ସତର୍କତା ଅବଲମ୍ବନ କରିବାକୁ ଅଗ୍ନିଶମ ବାହିନୀ ପକ୍ଷରୁ ପରାମର୍ଶ ଦିଆଯାଇଛି।

### ଯୁବକ ସାଇବର ଠକାମିର ଶିକାର

#### ସିମ୍ ହ୍ୟାକ୍ କରି ଲୁଟିନେଲେ ୫୬ ହଜାର ଟଙ୍କା

ଉମରକୋଟ, ୧୪।୩(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ଅଧୀନ ବଡଭରଣ୍ଡି ପଞ୍ଚାୟତ, ମହୁଲି ଗ୍ରାମର ସମୀର ମଣ୍ଡଳ ସାଇବାର ଠକାମୀର ଶିକାର ହୋଇଛନ୍ତି। ଏନେଇ ସମୀର ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ସୂଚନାନୁଯାୟୀ, ଗତ ୫ ତାରିଖରେ ହଠାତ୍ ସମୀରଙ୍କ ମୋବାଇଲ ନେଟୱର୍କ କାମ କରି ନ ଥିଲା। ସେ ତୁରନ୍ତ ଗୋଟିଏ ଦୋକାନକୁ ଯାଇ ସେଠାରେ ମୋବାଇଲ ଦେଖାଇ ନୂଆ ସିମ ଆଣିଥିଲେ। ୭ ତାରିଖରେ ୮୮୨୭୩୧୪୧୩୫ ରୁ ଗୋଟିଏ କଲ ଆସିଥିଲା। ଯାଞ୍ଚ ପାଇଁ ମୋବାଇଲକୁ ଡିଆକ୍ଟିଭେଟ କରାଯାଇଥିବା କଲ୍ କରିଥିବା ଲୋକ ଜଣଙ୍କ କହିଥିଲେ। ୨୪ ଘଣ୍ଟା ପରେ ମଧ ମୋବାଇଲକୁ ନେଟୱର୍କ ଆସୁନ ଥିବାରୁ ସମୀର ପୁଣି ଆଉ ଗୋଟେ ନୂଆ ସିମ କିଣିଥିଲେ। ଗତ ୧୩ ତାରିଖ ସକାଳେ ତାଙ୍କ ଆକାଉଣ୍ଟରୁ ୫୬ ହଜାର ଟଙ୍କା କଟିଯାଇଥିବା ସେ ଜାଣିବାକୁ ପାଇଥିଲେ। ସେହି ଦିନ ସମୀର ସାଇବର୍ ହେଲ୍ପ ଲାଇନ୍ ନମ୍ବରରେ ଅଭିଯୋଗ କରିଥିଲେ। ଶନିବାର ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଷ୍ଟେସନ ଡାଏରୀ କରିଛି। ମୋବାଇଲ ସିମ୍ ହ୍ୟାକ୍ କରି ସାଇବର ଲୁଟେରା ସମୀରଙ୍କ ଠାରୁ ଟଙ୍କା ଲୁଟି ନେଇଥିବା ଅନୁମାନ କରାଯାଉଛି। ଏଏସ୍‌ଆଇ ମଳୟ କୁମାର ମିଶ୍ର ଘଟଣାର ତଦନ୍ତ କରିବେ ବୋଲି ଉମରକୋଟ ଥାନା ଆଇଆଇସି ବିପିନ କୁମାର ବାଗ ସୂଚନା ଦେଇଛନ୍ତି।

# ୮୯୧୨ ବିଚାରାଧୀନ ମାମଲାର ଫଇସଲା

ଜୟପୁର, ୧୪।୩(ପବନ ପାଣିଗ୍ରାହୀ)

ଜାତୀୟ ଆଇନ ସେବା ପ୍ରାଧିକରଣ ଓ ରାଜ୍ୟ ଆଇନ ସେବା ପ୍ରାଧିକରଣ ନିର୍ଦ୍ଦେଶ କ୍ରମେ କୋରାପୁଟ ଜିଲା ଆଇନ ସେବା ପ୍ରାଧିକରଣ, ଜିଲା ଦୌରା ଜଜ ତଥା ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ପ୍ରଦୀପ କୁମାର ମହନ୍ତଙ୍କ ତତ୍ତ୍ୱାବଧାନରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଜିଲାର ବିଭିନ୍ନ ଅଞ୍ଚଳର କୋର୍ଟ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମସ୍ତ ବିଚାରାଧୀନ ମକଦ୍ଦମା ଯଥା ଦେୱାନୀ, ଫୌଜଦାରୀ(ସାଲିସ ଯୋଗ୍ୟ) ଦୁର୍ଘଟଣା ଜନିତ କ୍ଷତିପୂରଣ, ବ୍ୟାଙ୍କ ଋଣ, ବିଦ୍ୟୁତ୍ ଓ ଜଳ ଯୋଗାଣ, ପାରିବାରିକ, ଜମି ଅଧିଗ୍ରହଣ ଆଦି ଆପୋଷ ସହମତିରେ ସମାଧାନ କରାଯାଇଥିଲା। ବିଚାରାଧିନ ମକଦ୍ଦମା ବ୍ୟତୀତ ପ୍ରାକ-ମକଦ୍ଦମାସ୍ତରୀୟ ବିବାଦ ସମାଧାନ କରାଯାଇଥିଲା। ଅଦାଲତରେ କୋରାପୁଟ ଜିଲା ଦୌରା ଜଜ୍ ପ୍ରଦୀପ କୁମାର ମହନ୍ତ, ପରିବାର ଅଦାଲତ ବିଚାରପତି ନିଶିଥ ନିଶାଙ୍କ, ମୁଖ୍ୟ ବିଚାରବିଭାଗୀୟ ଦଣ୍ଡାଧିକାରୀ ଏସ୍.ଶୁଭଲକ୍ଷ୍ମୀ, ବରିଷ୍ଠ ଦେବାନି ବିଚାରପତି ସ୍ୱୟଂ ପ୍ରକାଶ ଦାସ, ମହିଳା ଅଦାଲତ ବିଚାରପତି ତଥା ଭାରପ୍ରାପ୍ତ ସଚିବ ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତ ବିଚାରପତି ଅଳକନନ୍ଦା ମହାନ୍ତି, ରେଜିଷ୍ଟ୍ରାର ସିଭିଲ କୋର୍ଟ ବିଷ୍ଣୁପ୍ରସାଦ ଦେବତା, ଉପଖଣ୍ଡ ବିଚାର ବିଭାଗୀୟ ଦଣ୍ଡାଧିକାରୀ ସନ୍ତୋଷ କୁମାର ବାରିକ, ପ୍ରଥମ ଶ୍ରେଣୀ ବିଚାର ବିଭାଗ ଦଣ୍ଡାଧିକାରି ଦୀକ୍ଷା ରାଉତରାଏ ବିଭିନ୍ନ ବିଚାରଧୀନ ମାମଲା ଓ ପ୍ରାକ ମକଦ୍ଦମାଗୁଡ଼ିକର ଫଇସଲା କରିଥିଲେ। ଆଇନଜୀବି ଶଶାନନ୍ଦ ମିଶ୍ର, ମନଜମାଳା ଦିନବନ୍ଧୁ, ଗୋପବନ୍ଧୁ ସାନ୍ତ୍ରା, ଜେ.ସତ୍ୟନାରାୟଣ ଆଚାରୀ, କାହ୍ନୁଚରଣ ମିଶ୍ର ପ୍ରମୁଖ ଲୋକ ଅଦାଲତ ବେଞ୍ଚରେ ସହଯୋଗ କରିଥିଲେ। ଏଥିରେ ସର୍ବମୋଟ ବିଚାରଧୀନ ମକଦ୍ଦମା ମାମଲା ୯୧୭୫ରୁ ୮୪୫୮ ମାମଲା ଫଇସଲା କରାଯାଇ ୩୫୪୯୫୧୨୪ ଟଙ୍କା ସମାଧାନ ରାଶି ଧାର୍ଯ୍ୟ କରାଯାଇଥିଲା। ୩୪୪୦ ପ୍ରାକ ମକଦ୍ଦମାରୁ ୪୫୪ ମାମଲା ଫଇସଲା କରାଯାଇ ୧୦୬୧୨୧୨୭ ଟଙ୍କା ସମାଧାନ ରାଶି ଧାର୍ଯ୍ୟ କରାଯାଇଥିଲା।

# କେକେ ରେଳପଥରରେ ପୁଶିଂ ବ୍ରିଜ୍ ନିର୍ମାଣ ଆରମ୍ଭ

ନନ୍ଦପୁର/ପାଡୁଆ, ୧୪।୩ (ତୁଷାର କାନ୍ତ ମହାନ୍ତି/ଶଙ୍କର ପୂଜାରୀ)

ବିଶାଖାପାଟଣା-କିରାଣ୍ଡୁଲ ସଂଯୋଗୀ କେକେ ରେଳପଥର ଆନ୍ଧ୍ର ଗୋରାପୁରରୁ ମନାବାର ଷ୍ଟେଶନ ମଧ୍ୟରେ ୬ ପୁଶିଂ ବ୍ରିଜ୍ ନିର୍ମାଣ ପାଇଁ ରେଳ ମନ୍ତ୍ରଣାଳୟ ମଞ୍ଜୁରୀ ଦେଇଛି। ପାଡୁଆ ପଞ୍ଚାୟତ ଦାର୍ଲିପୁଟ ଓ ପାଡୁଆରେ ପୁଶିଂ ବ୍ରିଜ୍ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଏ ନେଇ ପାଡୁଆ ପଞ୍ଚାୟତର ରେଳ ଧାରଣା ନିକଟବର୍ତ୍ତୀ ୧୧ ଗ୍ରାମବାସୀ ଖୁସି ବ୍ୟକ୍ତ କରିଛନ୍ତି।

ସୂଚନାନୁଯାୟୀ, କେକେ ରେଳପଥର ରେଳଧାରଣା ଆରପଟକୁ ରାସ୍ତା ନ ଥିବାରୁ ନନ୍ଦପୁର ବ୍ଲକର ପାଡୁଆ, ଚାଟୁଆ, ମାଳିବେଲଗାଁ, କୁଲାବିର, ବାଲଡ଼ା, ଭେଜା, ଥୁବା, ମାଳି ବେଲଗାଁ, ଲମତାପୁଟ ବ୍ଲକର ଏକାଧିକ ଗ୍ରାମବାସୀ ସରକାରଙ୍କ ମୌଳିକ ସୁବିଧା ପାଇବାରୁ ବଞ୍ଚିତ ଥିଲେ। ଲୋକେ ପୁଶିଂ ବ୍ରିଜ୍ ନିର୍ମାଣ ପାଇଁ ବାରମ୍ବାର ଦାବି କରୁଥିଲେ। ଏ ନେଇ ଧରିତ୍ରୀରେ ଖବର ପ୍ରକାଶିତ ହୋଇଥିଲା। ଓଡ଼ିଶାର


ରେଳ ବିଭାଗ ପକ୍ଷରୁ ବ୍ରିଜ୍ ନିର୍ମାଣ କାର୍ଯ୍ୟ ଜାରି ରହିଛି।

ବିଭିନ୍ନ ରେଳପଥରେ ୯୨ ପୁଶିଂ ବ୍ରିଜ୍ ନିର୍ମାଣ କରିବାକୁ ରେଳ ମନ୍ତ୍ରଣାଳୟ ମଞ୍ଜୁରୀ ଦେଇଛି। ଏହି ତାଲିକାରେ କୋରାପୁଟ ଜିଲା ନନ୍ଦପୁର-ଲମତାପୁଟ ଦେଇ ଯାଇଥିବା କେକେ ରେଳପଥର ଗୋରାପୁର ଦାର୍ଲିପୁଟ ଷ୍ଟେଶନ ମଧ୍ୟରେ ପୋଲ ନଂ. ୧୨୧(ନାରୀଗାଁ), ଦାର୍ଲିପୁଟ ଷ୍ଟେଶନ ନିକଟ ପୋଲ ନଂ. ୧୨୬, ପାଡୁଆ ଗ୍ରାମ ନିକଟ ପୋଲ ନଂ. ୧୩୩, ପାଲିବା ହାଟ ନିକଟ ପୋଲ ନଂ. ୧୭୧, ସୁକୁ ଗ୍ରାମ ନିକଟ ପୋଲ ନଂ. ୧୮୧, ମନାବାର ଷ୍ଟେଶନ ନିକଟ ପୋଲ ନଂ. ୧୯୯ ନିକଟରେ ୬ ପୁଶିଂ ବ୍ରିଜ୍ ନିର୍ମାଣ ପାଇଁ ମଞ୍ଜୁରୀ ମିଳିଛି। ପାଡୁଆ ଓ ଦାର୍ଲିପୁଟ ପୁଶିଂ ବ୍ରିଜ୍ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ରେଳ ବିଭାଗ ନିଜସ୍ୱ ପାଣ୍ଠିରେ ସମସ୍ତ ପ୍ରକଳ୍ପ ନିର୍ମାଣ କରୁଥିବା ଏଡିଇଏନ୍ ରାଜେନ୍ଦ୍ର ପ୍ରସାଦ ପ୍ରଦାନ ସୂଚନା ଦେଇଛନ୍ତି।

# ୨୮ରେ କୋରାପୁଟ ଓକିଲ ସଂଘ ନିର୍ବାଚନ

କୋରାପୁଟ, ୧୪।୩(ଅମିତାଭ ବେହେରା)

ମାର୍ଚ୍ଚ ୨୮ରେ କୋରାପୁଟ ବାର ଆସୋସିଏଶନ୍ ନିର୍ବାଚନ ହେବାକୁ ଥିବା ବେଳେ ଏଥିପାଇଁ ୧୫ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଯାଞ୍ଚ ପ୍ରକ୍ରିୟାରେ ସମସ୍ତ ପ୍ରାର୍ଥୀଙ୍କ ନାମାଙ୍କନ କାଏମ ରହିଛି। ନାମାଙ୍କନ ପ୍ରତ୍ୟାହାରର ଶେଷ ଦିନ ସୁଦ୍ଧା କୌଣସି ପ୍ରାର୍ଥୀ ନାମାଙ୍କନ ପ୍ରତ୍ୟାହାର କରି ନ ଥିବା କୋରାପୁଟ ଓକିଲ ସଂଘ ନିର୍ବାଚନ ଅଧିକାରୀ ମନୋରଞ୍ଜନ ରାଉତରାୟ ସୂଚନା ଦେଇଛନ୍ତି। ସଭାପତି ପଦ ପାଇଁ ପ୍ରଭାତ କୁମାର ମହାପାତ୍ର ଓ ଉତ୍ତମ ମିଶ୍ର, ଉପସଭାପତି ପଦ ପାଇଁ କୃଷ୍ଣଚନ୍ଦ୍ର ସାଁ ଓ ନିତ୍ୟାନନ୍ଦ ମହାନ୍ତି, ସମ୍ପାଦକ ଓ କୋଷାଧ୍ୟକ୍ଷ ପାଇଁ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ସୁନୀଲ କୁମାର ଜେନା ଓ କମାକ୍ଷା ପ୍ରସାଦ ମାଝୀ ପ୍ରମୁଖ ନାମାଙ୍କନ ପତ୍ର ଦାଖଲ କରିଥିଲେ। ୮ କାର୍ଯ୍ୟକାରୀ ସଦସ୍ୟ ପଦବୀ ପାଇଁ ୯ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିଲେ। ସଂଘ ସଭାପତି ଓ ଉପସଭାପତି ପଦବୀ ପାଇଁ ଦ୍ୱିମୁଖୀ ପ୍ରତିଦ୍ୱନ୍ଦ୍ୱିତା ନିଶ୍ଚିତ ହୋଇଛି। ମୋଟ ୨୬୮ ଭୋଟର ୧୩ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ବୋଲି ନିର୍ବାଚନ ଅଧିକାରୀ ରାଉତରାୟ କହିଛନ୍ତି।

# ଗ୍ୟାସ୍, ପେଟ୍ରୋଲ ବିତରଣ ତଦାରଖ କରିବ ଯାଞ୍ଚ କମିଟି

ନନ୍ଦପୁର, ୧୪।୩ (ତୁଷାର କାନ୍ତ ମହାନ୍ତି)

କୋରାପୁଟ ଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ବ୍ଲକ ଅଞ୍ଚଳର ପେଟ୍ରୋଲ ଟାଙ୍କି, ଗ୍ୟାସ ବିତରଣ କେନ୍ଦ୍ରଗୁଡ଼ିକ ନିୟମିତ ଯାଞ୍ଚ କରିବାକୁ କମିଟି ଗଠନ ନିର୍ଦ୍ଦେଶ ଦିଆଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ଯୋଗାଣ ବିଭାଗ ପତ୍ର ସଂଖ୍ୟା ୨୩୩/ ଏ କ୍ୱ ଭି ଆ ଇ ଆ ଇ / ଏଚଏସଡି ତା. ୧୩।୩।୨୦୨୬ରେ ବ୍ଲକ ଅଞ୍ଚଳରେ ତହସିଲଦାରଙ୍କ ନେତୃତ୍ୱରେ କମିଟିରେ ବ୍ଲକ ଯୋଗାଣ ନୀରିକ୍ଷକ, ଅତିରିକ୍ତ ବିଡିଓ ଓ ଏକ୍ସିକ୍ୟୁଟିଭ ଅଫିସରଙ୍କୁ ନେଇ କମିଟି ନିୟମିତ ଭାବେ ପେଟ୍ରୋଲ ଟାଙ୍କି, ଗ୍ୟାସ ଡିପୋ ଓ ଖୁଚୁରା ବିକ୍ରୟ କେନ୍ଦ୍ର ପରିଦର୍ଶନ କରି ଷ୍ଟକ ପରିମାଣ, ଦର, ଗ୍ରାହକଙ୍କ ଅଭିଯୋଗ ଯାଞ୍ଚ କରିବେ। ଏଥିସହ କଳାବଜାର ଦୃଷ୍ଟି ଗୋଚର ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆବଶ୍ୟକସ୍ଥଳେ ବ୍ଲକସ୍ତରୀୟ ଯାଞ୍ଚ କମିଟି ପୋଲିସର ସହାୟତା ନେବାକୁ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି।


COLLECTORATE: KORAPUT
(CIVIL SUPPLIES SECTION,JEYPORE)

No. 233/XVII (HSD) Dated 13/3/2026

OFFICE ORDER

Subject: Constitution of Block/ ULB Level enforcement squad for LPG and Petroleum Products.

In order to monitor the prices, ensure regular supply, and prevent black marketing and hoarding of Liquefied Petroleum Gas (LPG) and Petroleum Products within the Blocks/ULBs, the **Block/ ULB Level Enforcement Squads** are hereby constituted with immediate effect.

The Committee shall monitor the price trend, availability, distribution system, and take necessary steps to prevent irregularities in the supply chain of LPG and Petroleum Products in the district.

The composition of the Committee shall be as follows: -

| S.I NO | TEAM MEMBERS | DESIGNATION |
|---|---|---|
| 01 | Tahsildar | Head of Team |
| 02 | Inspector of Supplies / Marketing Inspector | Member |
| 03 | Additional BDO/ Executive Officer | Member |

The committee shall take assistance of Local Police personnel when and where required during enforcement activities.

**Functions and Responsibilities:**

1. To conduct regular inspections of LPG distributorships, petrol pumps, kerosene dealers, and other petroleum product outlets within the block.
2. To monitor stock position, supply chain, and retail pricing of LPG and petroleum products.
3. To detect and prevent black marketing, hoarding, diversion, and unauthorized sale of LPG cylinders and petroleum products.
4. To verify that the notified prices are displayed and adhered to by authorized dealers.
5. To promptly inquire into complaints received from the public regarding overcharging, artificial shortage, or irregular supply.
6. To take necessary action as per law in case of violations and report the same to the District Administration.
7. To submit periodic inspection reports to the District Level Price Monitoring Committee through the District Supply Officer.

The Block Level Enforcement Squads shall carry out regular and surprise inspections and take strict action against violators under the relevant provisions of law.

All concerned officers are directed to extend full cooperation to the enforcement squads to ensure effective implementation of this order.

This order shall come into force with immediate effect.

COLLECTOR, KORAPUT

# ବିଦ୍ୟାଳୟରେ ନାହିଁ ଆନୁଷଙ୍ଗିକ ବ୍ୟବସ୍ଥା

## ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି

କୋରୁକୋଣ୍ଡା, ୧୪।୩(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ୍ ପୋଟ୍ରେଲ ପଞ୍ଚାୟତ ଅଧୀନ ଚିତାପାରି ଗାଁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅବ୍ୟବସ୍ଥା ମଧ୍ୟରେ ଚାଲିଛି। ବିଦ୍ୟାଳୟରେ ଶ୍ରେଣୀ ଗୃହ, ଅଫିସ ଗୃହ, ସୁରକ୍ଷା ପାଚେରୀ, ପାନୀୟ ଜଳ, ବିଦ୍ୟୁତ୍ ସେବା ଓ ଶୌଚାଳୟ ଆଦି ଆନୁସଙ୍ଗିକ ବ୍ୟବସ୍ଥା ନ ଥିବାରୁ ଛାତ୍ରୀଛାତ୍ର ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ସରକାରଙ୍କ ପକ୍ଷରୁ ଏହି ଗାଁରେ ୧୯୬୮ରେ ସ୍ଥାପନ ହୋଇଥିବା ଏହି ବିଦ୍ୟାଳୟରେ ଅବ୍ୟବସ୍ଥା ଲାଗି ରହିଥିବା ଦେଖିବାକୁ ମିଳିଛି। ସ୍କୁଲରେ ଶିଶୁ ବାଟିକାରେ-୧୮ ଓ ପ୍ରଥମରୁ ଅଷ୍ଟମ ଶ୍ରେଣୀର ମୋଟ ୨୨୨ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଭାବେ ସହଦେବ ସରକାର,ସହକାରୀ ଶିକ୍ଷକ ଅଶ୍ୱିନୀ ମିସ୍ତ୍ରୀ, ଶିକ୍ଷୟିତ୍ରୀ ସସ୍ମିତା ମଲ୍ଲିକ, ସୁନିତା ପ୍ରିୟଦର୍ଶିନୀ ବେହେରା, ଦେବକୀ ଗୋଲରୀ ମୋଟ ୫ ଶିକ୍ଷକ ଶିଶୁ ବାଟିକାରୁ ଅଷ୍ଟମ ଶ୍ରେଣୀ ପିଲାଙ୍କୁ ପାଠ ପଢ଼ାଉଛନ୍ତି। ସ୍କୁଲ ପରିସରରେ ଏକ ଅଙ୍ଗନୱାଡି କେନ୍ଦ୍ର ରହିଛି। ଏହି କେନ୍ଦ୍ରରେ ୪୬ ଶିଶୁ ପାଠ ପଢୁଛନ୍ତି। ସ୍କୁଲ ପରିସରରେ ମୋଟ ୨ ନଳକୂପ ଓ ଗୋଟିଏ କୂପ ପରିତ୍ୟକ୍ତ ଅବସ୍ଥାରେ ପଡିରହିଛି। ୨ ନଳକୂପ ମଧ୍ୟରୁ ଗୋଟାଏ ସମ୍ପୂର୍ଣ ଅଚଳ ହୋଇପଡ଼ିରହିଛି। ଅନ୍ୟଟିରୁ ଆବଶ୍ୟକତା ଅନୁସାରେ ଜଳ ବାହାରୁ ନାହିଁ। ଏଥିଯୋଗୁ ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ରରେ ପଢୁଥିବା ଶିଶୁ ଓ ଛାତ୍ରୀଛାତ୍ରଙ୍କ ପାଇଁ ପିଇବା ପାଣି ଓ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତରେ ବହୁ ସମସ୍ୟା ସୃଷ୍ଟି ହେଉଥିବା କୁହାଯାଇଛି। ଶୌଚାଳୟ, ପିଲା ହାତ ଓ ଥାଳି ଧୋଇବା ପାଇଁ ପାଣି ନିଅଣ୍ଟ ହେଉଛି। ବିଦ୍ୟାଳୟ ପରିସରରେ ବିଭିନ୍ନ ବୃକ୍ଷ ଲଗାଯାଇଛି। ଗ୍ରୀଷ୍ମ ପ୍ରବାହ ଯୋଗୁ ବିଦ୍ୟାଳୟରେ ପାଣିର ଉତ୍କଟ ସମସ୍ୟା ଦେଖା ଦେବା ସମ୍ଭାବନା ଥିବା କୁହାଯାଇଛି। ବିଦ୍ୟାଳୟର ସୁରକ୍ଷା ପାଚେରୀର କିଛି ଅଂଶ ଭାଙ୍ଗି ପଡିଛି। ସ୍କୁଲ କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନ ଏହାକୁ ଗୁରୁତ୍ୱ ଦେଇ ବିଦ୍ୟାଳୟର ଜଳ ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ଅଞ୍ଚଳବାସୀ ନିବେଦନ କରିଛନ୍ତି।


ବିଦ୍ୟାଳୟ ପରିସରରେ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଥିବା କୂପ।

# ପୋଖରୀରେ ବୁଡ଼ି ନାବାଳିକା ମୃତ

ମାଲକାନଗିରି, ୧୪।୩(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ମୋଟୁ ଥାନା ମାନ୍ୟମକୋଣ୍ଡା ପଞ୍ଚାୟତ ବାଞ୍ଜିଗୁଡ଼ା ଗାଁର ଜଣେ ନାବାଳିକାଙ୍କ ପୋଖରୀରେ ବୁଡ଼ି ଶନିବାର ମୃତ୍ୟୁ ହୋଇଛି। ମୃତା ହେଲେ ବାଞ୍ଜିଗୁଡା ଗାଁର ମୁତା ଜାଲିଙ୍କ ଝିଅ ଶିବାନୀ (୮)। ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ତଦନ୍ତ ଚାଲିଛି। ସୂଚନାନୁଯାୟୀ, ଶିବାନୀ ଶନିବାର ସ୍କୁଲରୁ ଫେରିବା ପରେ ସାଙ୍ଗମାନଙ୍କ ସହ ଗାଁ ପୋଖରୀକୁ ଗାଧେଇବାକୁ ଯାଇଥିଲେ। ଏହି ସମୟରେ ଅସାବଧାନତାରୁ ପାଣିରେ ବୁଡ଼ି ଯାଇଥିଲେ। ଅନ୍ୟ ୨ ଛାତ୍ରୀ ଚିତ୍କାର କରିବାରୁ ପରିବାର ଲୋକେ ଆସି ଶିବାନୀଙ୍କୁ ଉଦ୍ଧାର କରିଥିଲେ। ସେତେବେଳେ ତାଙ୍କର ମୃତ୍ୟୁ ହୋଇଯାଇଥିବା ଜଣାପଡ଼ିଛି। ଜିଲା ପ୍ରଶାସନ ପକ୍ଷରୁ ପରିବାର ଲୋକଙ୍କୁ ସହାୟତା ଦେବାକୁ ଗ୍ରାମବାସୀ ନିବେଦନ କରିଛନ୍ତି। ଶିବାନୀ କାଦମାଲି ପ୍ରାଥମିକ ବିଦ୍ୟାଳୟରେ ଦ୍ୱିତୀୟ ଶ୍ରେଣୀରେ ପଢୁଥିଲେ।

# ମନ୍ଦିର ଜାଗା ଖାଲିକରିବା ଦାବି

ମାଲକାନଗିରି, ୧୪।୩ (ଦୁର୍ଯ୍ୟୋଧନ ପାତ୍ର)

ଆଦିବାସୀ କଳାସଂସ୍କୃତି ପରମ୍ପରା ଓ ପୂଜାସ୍ଥଳୀକୁ ସୁରକ୍ଷା ଦେବା, ମା'ଭୈରବୀ ଗାମାମ ମନ୍ଦିର ଜାଗାରୁ ସାପ୍ତାହିକ ହାଟ ଅନ୍ୟତ୍ର ସ୍ଥାନାନ୍ତର କରିବା ସହ ଗାମାମ ପାଇ ଥିବା ଜମି ଚିହ୍ନଟ କରିବା ଦାବି ନେଇ କାଲିମେଲା ବଡ଼ଯାତ୍ରା ସଭାପତି ଦେବା ମାଡକାମୀଙ୍କ ନେତୃତ୍ୱରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାର ଓ ବଡିଓଙ୍କୁ ଦାବିପତ୍ର ଶନିବାର ପ୍ରଦାନ କରାଯାଇଛି। ଏହି ସମୟରେ କମିଟି ସାଧାରଣ ସମ୍ପାଦକ ଲଳିତନାରାୟଣ ମାଡକାମୀ, ବଡଯାତ୍ରା କମିଟି, ମା' ଭୈରବୀ କମିଟି ଓ ୨୪ ଖଣ୍ଡ ଗାଁର ପୂଜା କମିଟି ସଦସ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ଶତାଧିକ ଗ୍ରାମବାସୀ ବାଦ୍ୟ ବାଜଣା ସହ ଏକ ଶୋଭାଯାତ୍ରାରେ କରି ବ୍ଲକ୍ କାର୍ଯ୍ୟାଳୟକୁ ଯାଇଥିଲେ। ବିଡିଓଙ୍କ ଅନୁପସ୍ଥିତିରେ ଜିପିଡିଓ ଜଗନ୍ନାଥ ମଣ୍ଡଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

# ୮୧ ଗୋରୁ ସହ କଣ୍ଟେନର ଜବତ

ମାଲକାନାଗିରି, ୧୪।୩ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଦର ଏକ କଣ୍ଟେନେରରୁ ବେଆଇନ ଭାବେ ଚାଲାଣ ହେଉଥିବା ୮୧ ଗାଇଗୋରୁ ଶନିବାର ଜବତ କରି ଡ୍ରାଇଭରଙ୍କୁ ଅଟକ ରଖିଛି। ଶନିବାର ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଏକ କଣ୍ଟେନେରରେ ବେଆଇନ ଭାବେ ଗୋରୁ ଚାଲାଣ ହେଉଥିବା ନେଇ ଗୁପ୍ତ ସୂଚନା ମିଳିଥିଲା। ଖବରପାଇ ମାଲକାନଗିରି ମଡେଲ ଥାନା ପୋଲିସ ଚମ୍ପାଖାରୀ ଚେକ-ପୋଷ୍ଟ ନିକଟରେ ସନ୍ଦେହ କରି କଣ୍ଟେନେରକୁ ଅଟକାଇ ଯାଞ୍ଚ କରିଥିଲେ। କଣ୍ଟେନେରର ପଛ ଗେଟ ଖୋଲିବା ପରେ ସେଥିରେ ୮୧



ଗାଈ ବେଆଇନ ଭାବେ ଲଦା ହୋଇଥିବା ଦେଖିବାକୁ ମିଳିଥିଲା। ପୋଲିସ ସମସ୍ତ ଗାଈଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି ଗାଡ଼ି ଜବତ କରିଥିଲା। ଏ ନେଇ ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଛି। ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନାଧିକାରୀ ରୀଗାନ କୁଣ୍ଡୁ କହିଛନ୍ତି।

# ଏମ୍‌ଭି-୧୬ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ

ମାଲକାନଗିରି, ୧୪।୩(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ୍ ଏମ୍‌ଭି-୧୬ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୧୬ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ସଞ୍ଜୁକ୍ତା ପ୍ରଧାନଙ୍କ ଅଧ୍ୟକ୍ଷତାରେ ମାଲକାନଗିରି ସହକାରି ଗୋଷ୍ଠୀ ଉନ୍ନୟନ ଅଧିକାରୀ କସମସ ତିଳକି, ସବୁଜ ବାହିନୀ ପ୍ରଶିକ୍ଷକ ଦୁର୍ଯ୍ୟୋଧନ ପାତ୍ର, ଜିଲା ପ୍ରାଥମିକ ଶିକ୍ଷକ ସଭାପତି ତାରକ ମଣ୍ଡଳ, ମୁଖ୍ୟବକ୍ତା ଗୌରାଙ୍ଗ, ସତ୍ୟନାରାୟଣ ପ୍ରଧାନ, ସିଆରସିସି ଦୀପକ ବିଶ୍ୱାସ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଧାନଶିକ୍ଷୟିତ୍ରୀ ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର ଶିକ୍ଷାର ଉନ୍ନତି କ୍ରୀଡ଼ା ଓ ବିଜ୍ଞାନ କ୍ଷେତ୍ରରେ ଜିଲା ଓ ରାଜ୍ୟ ସ୍ତରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କ ନାମ ତାଲିକା ପ୍ରକାଶ ସହ ବିଦ୍ୟାଳୟ ବିଭିନ୍ନ ସମସ୍ୟା ନେଇ ସୂଚନା ଦେଇଥିଲେ। ଅଭିଭାବକମାନେ ପିଲାଙ୍କ ଭବିଷ୍ୟତ ସହ ବିଦ୍ୟାଳୟର ଉନ୍ନତି ନେଇ ଚିନ୍ତା କରନ୍ତୁ ବୋଲି ଅତିଥିମାନେ କହିଥିଲେ। ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥି ପୁରସ୍କୃତ କରିଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟାମାନେ।

# ଲୋକ ଅଦାଲତରେ ୭୭୨୩ ମକଦ୍ଦମାର ଫଇସଲା

ମାଲକାନଗିରି, ୧୪।୩ (ସୁଚିତ୍ରା ଦାସ)

ରାଜ୍ୟ ଆଇନ ସେବା ପ୍ରାଧିକରଣ ନିର୍ଦ୍ଦେଶ କ୍ରମେ ମାଲକାନଗିରି ଜିଲା ଆଇନ ସେବା ପ୍ରାକରଣ, ତାଲୁକ ଆଇନ ସେବା ପ୍ରାଧିକରଣ ମୋଟୁ, ମାଥିଲି ଜେଏମଏଫସି, କୁଡୁମୁଲୁଗୁମ୍ମା ଗ୍ରାମ ନ୍ୟାୟଳୟ, କୋରୁକୋଣ୍ଡାରେ ପ୍ରଥମ ଜାତୀୟସ୍ତରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଜଜ୍ ତଥା ଆଇନ ସେବା ପ୍ରାକରଣ ଅଧ୍ୟକ୍ଷ ଡା. ପ୍ରସନ୍ନ କୁମାର ପଣ୍ଡା, ଅତିରିକ୍ତ ଜିଲା ଜଜ୍ ଶାନ୍ତନୁ କୁମାର ଦାସ, ଜିଲା ଆଇନ ସେବା ପ୍ରାଧିକରଣ ସଚିବ ତଥା ବରିଷ୍ଠ ଦେୱାନୀ ବିଚାରପତି ସଙ୍ଗୀତା ପାତ୍ର, ଉପଖଣ୍ଡ ଦଣ୍ଡାକରି ପ୍ରତିମା ସାହୁ ଓ ଗ୍ରାମ ନ୍ୟାୟକାରୀ ପରିନିତା ନାୟକ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ପ୍ରକାର ମକଦ୍ଦମା ଫଇସଲା କରିଥିଲେ। ଜିଲାସ୍ତରୀୟ ଲୋକ ଅଦାଲତରେ ମୋଟ ୭୭୨୩ ମକଦ୍ଦମା ଫଇସଲା କରାଯାଇ ୬୮୬୧୦୮୫ ଟଙ୍କା ଜରିମାନା ଧାର୍ଯ୍ୟ କରଯାଇଥିଲା। ଏଥିରେ ଜିଲା କୋର୍ଟ, ଅତିରିକ୍ତ ଜିଲା ଜଜ କୋର୍ଟ, ଏସ୍‌ଡିଜେଏମ୍ କୋର୍ଟ, ମୋଟୁ ଜେଏମ୍‌ଏଫ୍‌ସି କୋର୍ଟ, ମାଥିଲି ଜେଏମ୍‌ଏଫସି କୋର୍ଟ, କୁଡୁମୁଲୁଗୁମ୍ମା ଜେଏମଏଫସି କୋର୍ଟ ଓ ଜିଲା ଆଇନ ସେବା ପ୍ରାଧିକରଣ, ମୋଟୁ ଓ ଆଇନସେବା ପ୍ରତିପକ୍ଷ ଓକିଲଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ କାର୍ଯ୍ୟରେ ସହଯୋଗ କରିଥିଲେ।



ଲୋକ ଅଦାଲତରେ ଉପସ୍ଥିତ ବିଚାରପତି ଏବଂ ଓକିଲମାନେ।

